# Akashvani, Sambalpur

## SAMBALPURI NEWS MORNING BULLETIN

## 5 June 2026 - 6.47- 6.52 am.

---

ବ୍ରିକ୍ସ ସମ୍ମିଳନୀ        ଆଇ ଆଣ୍ଡ୍ ପି.ଆର୍

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସକେ ନେଇକରି ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ୍ ଆଏଜ୍ ଶେଷ୍ ହେଉଛେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାକେ ଆନୁଷ୍ଠାନିକ୍ ଭାବେ ଉଦ୍ଘାଟନ୍ କରିକରି ଓଡ଼ିଶା ସବୁ ପ୍ରାକୃତିକ୍ ବିପର୍ଯ୍ୟୟର୍ କଡ଼ା ମୁକାବିଲା କରିଛେ ବଲି କହିଛନ୍ । ବୈଠକ୍‌ଥି ବ୍ରିକ୍ସ ଦେଶ୍ ମାନ୍‌କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍‌ଦେଇକରି ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରିଛନ୍ ।

ଚାନ୍ଦୁଆ ହସ୍ତଶିଳ୍ପ ହବ        ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପିପିଲି ଗସ୍ତଥି ଯାଇକରି ଜବାହାର୍ ବିଦ୍ୟାପୀଠ ପରିସର୍ ନ ୮୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍କେ ଥିବା ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆ ହସ୍ତଶିଳ୍ପ ହବ୍ର ଶିଳାନ୍ୟାସ୍ କରିଛନ୍ । ଜଗନ୍ନାଥ୍ପୁର୍ ମୌଜା ନ ୫ ଏକଡ୍ ନୁ ଅଏତ୍କା ଜମିନ୍ଥି ତିଆର୍ ହେବାର୍କେ ଥିବା ଇ ହବ୍ ନ ୫୦ ଟା ବୈଷୟିକ୍ ଦୁକାନ୍, ୬ ଟା ସର୍କାରୀ ସୋରୁମ୍, ଲାଇଭ୍ ଡେମୋନ୍ଷ୍ଟ୍ରେସନ୍ କେନ୍ଦ୍ର, ତାଲିମ୍ କେନ୍ଦ୍ର, ଓଡ଼ିଆ ଫୁଡ୍କୋର୍ଟ, ମୁକ୍ତାକାଶ ରଙ୍ଗମଂଚ ବାଗିର୍ ସୁବିଧା ରହେବା । ପ୍ରଧାନ୍ମନ୍ତ୍ରୀଙ୍କର୍ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରଥି ପିପିଲି କେନ୍ଦ୍ରକେ ବିଶ୍ୱ ବଜାର୍ ସାଙ୍ଗେ ଜୁଡ୍ବାର୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଲିଭରପୁଲ୍ ବିଶ୍ୱବିଦ୍ୟାଳୟ କେମ୍ପସ୍ ପି.ଆଇ.ବି.

ଲଣ୍ଡନ୍ର ପ୍ରତିଷ୍ଠିତ୍ ଲିଭରପୁଲ୍ ବିଶ୍ୱବିଦ୍ୟାଳୟର କେମ୍ପସ୍ ବେଙ୍ଗାଲୁରୁ ନ ଖୁଲ୍ବାର୍କେ ଆନୁଷ୍ଠାନିକ୍ ଭାବେ ମଞ୍ଜୁରୀ ପତ୍ର

ଦିଆଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଦେଶିକ୍ ବ୍ୟାପାର୍ମନ୍ତ୍ରୀ ଏସ୍. ଜୟଶଙ୍କର୍ ଆଉ ୟୁ.କେ.ର ବୈଦେଶିକ୍ ସଚିବ ଡେଭିଡ୍ କ୍ୟାମେରନ୍ ଙ୍କର୍ ଉପସ୍ଥିତିଥି ଅନୁମୋଦନ୍ ପତ୍ର ହସ୍ତାନ୍ତର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ପଦକ୍ଷେପ୍କେ ଜାତୀୟ ଶିକ୍ଷାନୀତିର୍ ସଫଲ୍ ରୂପାୟନ୍ ଆଉ ଭାରତ୍କେ ବୈଶ୍ୱିକ୍ ଜ୍ଞାନ୍ ଆଉ ଗବେଷଣାର୍ କେନ୍ଦ୍ର ବନାବାର୍ ଦିଗେ ଗୁଟେ ଐତିହାସିକ୍ ପଦକ୍ଷେପ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ପିଏମ୍ ସୂର୍ଯ୍ୟଘର୍ ମୁଫ୍ତ୍ ବିଜ୍ଲି ଯୋଜ୍ନା     ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ର ସର୍କାର୍ଙ୍କର୍ ପିଏମ୍ ସୂର୍ଯ୍ୟଘର୍ ମୁଫ୍ତ୍ ବିଜ୍ଲି ଯୋଜ୍ନା ଅଧୀନ୍ଥି ଓଡ଼ିଶାକେ ଜାତୀୟସ୍ତର୍ ନ ଶ୍ରେଷ୍ଠ ପୁରସ୍କାର୍ ମିଲିଛେ । ଘର୍ ଛାତ୍ ଉପ୍ରେ ରୁଫଟପ୍ ସୋଲାର୍ ଲଗାବାର୍ କ୍ଷେତ୍ରଥି ଓଡ଼ିଶା ସବୁନୁ ଅଏତ୍କା ଗ୍ରାହକ୍ ଆବେଦନ୍, ପ୍ରକଳ୍ପ ଥାପ୍ନା ଆଉ ସବୁନୁ ଅଏତ୍କା ଥର୍ ବିଦ୍ୟୁତ୍ ବିତରଣ୍ କମ୍ପାନୀ ଯାଂଚ୍ଥି ପହେଲା ଠାନେ ରହିଛେ । ସେନ୍ତା ଭେଣ୍ଡର୍ ପଞ୍ଜିକରଣ୍ଥି ରାଜ୍ୟ ୩ ନମ୍ବର୍ ଠାନେ ରହିଛେ । ନୂଆଦିଲ୍ଲୀ ନ ହେଇଥିବା ଉତ୍ସବ୍ଥି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ୍

ଯୋଷୀଙ୍କର୍‌ନୁ ଓଡ଼ିଶା ଶକ୍ତି ବିଭାଗ୍‌ର ଅତିରିକ୍ତ ସଚିବ ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ । ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ରାଜ୍ୟର୍ ଇ ସଫଲତା ଲାଗି ଖୁସି ଜାହିର୍ କର୍‌ବାର୍ ସହେତେ ଓଡ଼ିଶା ସାରାଦେଶ୍ ଲାଗି ଗୁଟେ ଉଦାହରଣ୍ ହେଇଛେ ବଲି କହିଛନ୍ ।

ଉପକୂଳ ସୁରକ୍ଷା ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଉପକୂଳ ସୁରକ୍ଷା ବ୍ୟବସ୍ଥାକେ ଆହୁରି ବର୍‌କସ୍ ଆଉ ସମୟୋପଯୋଗୀ କର୍‌ବାର୍ ଲକ୍ଷ୍ୟଥି ଓଡ଼ିଶା ପୁଲିସ୍‌ର ଉପକୂଳ ସୁରକ୍ଷା ଶାଖା ତର୍‌ଫୁ ଗଲାକାଏଲ୍ ପୁଲିସ୍ ଭବନ୍ ନ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଉଦ୍‌ଯାପନୀ ଅଧିବେଶନ୍‌ଥି ଯୋଗ୍ ଦେଇକରି କହିଛନ୍, ସମୃଦ୍ଧ ଓଡ଼ିଶା ଲାଗି ଉପକୂଳ ସୁରକ୍ଷା ବହୁତ୍ ଜରୁରୀ ଆଏ । ସମ୍ମଳିନୀଥି କେରଳ, ଆନ୍ଧ୍ରପ୍ରଦେଶ୍, କର୍ଣ୍ଣାଟକ୍, ପଶ୍ଚିମବଙ୍ଗ୍‌ର ବରିଷ୍ଠ ପୁଲିସ୍ ଅଧିକାରୀ ଆଉ ୧୮ ଟା ବିଭାଗ୍‌ର ପ୍ରତିନିଧିମାନେ ଯୋଗ୍ ଦେଇଥିଲେ ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୬ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ୧ କୋଟି ୨ ଲାଖ୍ ୩୨ ହଜାର୍ ୨ ଶହ ୭୯ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ ।

ବିଶ୍ୱ ପରିବେଶ୍ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ପରିବେଶ୍‌ର ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ପରିବେଶ୍ ଦିବସ୍ । ସାରା ପୁର୍‌ଥି ନ ୧୯୭୩ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ପରିବେଶ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ବଢୁଥିବା କଲ୍‌କାର୍‌ଖାନା, ସହରୀକରଣ୍, ପ୍ଲାଷ୍ଟିକ୍‌ର ବେଭାର୍ ଆର୍ ଲୋକ୍‌ମାନ୍‌କର୍ ଦ୍ୱାରା ପ୍ରାକୃତିକ ସମ୍ପଦ କ୍ଷୟ ଲାଗି ପରିବେଶ୍ ନଷ୍ଟ, ଜଲ୍‌ବାୟୁ ପରିବର୍ତ୍ତନ୍

ହେଉଛେ । ଇଥର ବିଶ୍ୱ ପରିବେଶ୍ ଦିବସ୍‌ର ବାର୍ତା ହେଉଛେ ‘ପ୍ରକୃତି ଦ୍ୱାରା ଅନୁପ୍ରାଣିତ: ଜଳବାୟୁ ପାଇଁ ଆମ ଭବିଷ୍ୟତ୍ ପାଇଁ ।’

ବିଶ୍ୱ ପରିବେଶ୍ ଦିବସ୍-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ଗଛ୍ ଲଗାବାର୍ ଆର୍ ତାର୍ ସୁରକ୍ଷା କର୍‌ବାର୍, ସିଙ୍ଗିଲ୍ ପ୍ଲାଷ୍ଟିକ୍ ବର୍ଜନ୍, ପାଏନ୍ ଆଉ ପ୍ରାକୃତିକ୍ ସମ୍ପଦ୍‌ର ସଠିକ୍ ବେଭାର୍ ଦିଗେ କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ସଭେ ଏକ୍‌ଠାନିଆ ହେଇକରି ପ୍ରକୃତିନୁ ପ୍ରେରଣା ନେଇକରି ଜଲ୍‌ବାୟୁ ସୁରକ୍ଷା ଆଉ ଆଏବା ପିଢ଼ିର୍ ସୁରକ୍ଷା ଲାଗି ଗୁଟେ ସବୁଜ ସ୍ଥାୟୀ ଆଉ ସୁସ୍ଥ ପୁର୍‌ଥି ଗଠନ୍ ଲାଗି ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଆଏଜ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଷ୍ଟେଟ୍ କନ୍‌ଭେନ୍‌ସନ୍ ସେଂଟର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଶୀତଲ୍‌ଷଷ୍ଠୀ-ପ୍ରସ୍ତୁତି ସମ୍ବଲପୁର ସମ୍ବାଦଦାତା

ପବିତ୍ର ଶୀତଲ୍‌ଷଷ୍ଠୀ ଯାତ୍ରାକେ ସୁରକ୍ଷିତ୍ ସୁବ୍ୟବସ୍ଥିତ୍ ଆଉ ଶାନ୍ତିପୂର୍ଣ୍ଣ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ବ୍ୟାପକ୍ ପ୍ରସ୍ତୁତି ମୁଲ୍ ହେଇଛେ । ବର୍ଷା ମାସ୍‌କେ ନଜର୍‌ଥି ରଖିକରି ସହରର୍ ଭିନ୍ ଭିନ୍ ମୁଖିଆ ଜାଗାର୍ ଡ୍ରେନ୍‌ର ସଫେଇ କାମ୍ ପୁରା ହେଇଛେ । ଶୋଭାଯାତ୍ରା ଯାଉଥିବା ରୁଟ୍‌ଥି ଉଚ୍ଛେଦ୍ ଅଭିଯାନ୍ କରିକରି ରାସ୍ତା ଆଉ ସର୍‌କାରୀ ଜମିନ୍ ନୁ ଅବୈଧ ଦଖଲ୍ ହଟାଯାଇଛେ । ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଆଉ କେବୁଲ୍ ଅପରେଟର୍ ମାନ୍‌କୁ ଭିନ୍ ଭିନ୍ ଜାଗାମାନ୍‌କେ ଜୁଡୁଥିବା

ତାର୍ ସବୁକେ ମାଏଟ୍‌ନୁ ୮ ମିଟର୍ ଉଚ୍ଚାକେ ଉଠାବାର୍ ଲାଗି ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ ।

ସମ୍ବଲ୍‌ପୁର୍- କବାଡ଼ି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମଣ୍ଡପ୍ ପଡ଼ିଆ ନ ଗଲାକାଏଲ୍ ସର୍ବଭାରତୀୟ ସ୍ତର୍ କବାଡ଼ି ପ୍ରତିଯୋଗିତା ମୁଲ୍ ହେଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରତିଯୋଗିତାକେ ଉଦ୍‌ଘାଟନ୍ କରିଥିବାର୍ ବେଲେ ଆର୍‌ଡିସି, ପୁଲିସ୍ ଆଇ.ଜି., ଜିଲ୍ଲାପାଲ୍ ଆଉ ମହାନଗର୍ ନିଗମ୍ କମିଶନର୍ ପ୍ରମୁଖ୍ ଯୋଗ୍ ଦେଇଥିଲେ । ପହେଲାଦିନେ ସମ୍ବଲ୍‌ପୁର୍ ଆଉ ବିଲାସ୍‌ପୁର୍ ଭିତ୍‌ରେ ଖେଲ୍ ହେଇଥିଲା । ଆଏବା ୭ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରତିଯୋଗିତାଥି ଭିନ୍ ଭିନ୍ ରାଜ୍ୟର୍ ୧୦ ଟା କବାଡ଼ି ଦଲ୍ ସାମିଲ୍ ହେଇଛନ୍ ।